**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**23 May – 2025**

# ସୌର୍ଯ୍ୟଚକ୍ର ପ୍ରଦାନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରତିରକ୍ଷା ଅନୁସନ୍ଧାନ ସମାରୋହରେ ସଶସ୍ତ୍ରବାହିନୀ, କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପୋଲିସ କର୍ମଚାରୀମାନଙ୍କୁ କୀର୍ତ୍ତିଚକ୍ର ଏବଂ ସୌର୍ଯ୍ୟଚକ୍ର ପ୍ରଦାନ କରିଛନ୍ତି । ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୪ଜଣଙ୍କୁ ମରଣୋତ୍ତର ସମେତ ୬ଜଣଙ୍କୁ କୀର୍ତ୍ତିଚକ୍ର ପ୍ରଦାନ କରାଯାଇଛି । ସେହିଭଳି ୭ଟି ମରଣୋତ୍ତର ସମେତ ୩୩ଜଣଙ୍କୁ ସୌର୍ଯ୍ୟଚକ୍ର ପ୍ରଦାନ କରାଯାଇଛି ।

# କୋଟିଆ ବିବାଦ

କୋଟିଆ ବିବାଦ ପ୍ରସଙ୍ଗକୁ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି । କମିଟିରେ ୧୬ଜଣ ସଦସ୍ୟ ରହିଛନ୍ତି । ସୂଚନା ଅନୁସାରେ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୋଟିଆ ବିବାଦ ନେଇ କମିଟି ଗଠନ ଲାଗି ନିଷ୍ପତ୍ତି ହୋଇଥିଲା ।

# ରାଜ୍ୟପାଳ-ବିକାଶମୂଳକ ଯୋଜନା

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନାଗୁଡ଼ିକ ବହୁଳଭାବରେ ଲୋକମାନଙ୍କ ନିକଟରେ

ପହଞ୍ଚିପାରିଛି ବୋଲି କହିଛନ୍ତି । ଗତକାଲି ଖୋର୍ଦ୍ଧାରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଗୁଡ଼ିକର ସମୀକ୍ଷା କରିବା ଅବସରରେ ରାଜ୍ୟପାଳ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ।

# ହସ୍ତଶିଳ୍ପ

ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ୬ଟି ହସ୍ତଶିଳ୍ପକୁ ନୂତନ ଭାବେ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି । ଫଳରେ ଅନୁମୋଦିତ ହସ୍ତଶିଳ୍ପ ସଂଖ୍ୟା ୬୧କୁ ବୃଦ୍ଧି ପାଇଛି । ବିଭାଗୀୟ କମିଶନର ତଥା ଶାସନସଚିବ ଗୁହା ପୁନମ’ ତାପସ କୁମାରଙ୍କ ସୁପାରିଶ କ୍ରମେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଏହାକୁ ଅନୁମୋଦନ କରିଛନ୍ତି । ହସ୍ତଶିଳ୍ପର ବିକାଶରେ ନାଳିଆ ଘାସକାମ, ଶିସଲ ଘାସକାମ, ହେଁସୁଆତି କାମ, ତମ୍ବା ଧାତୁ ନିର୍ମିତ ହସ୍ତଶିଳ୍ପ, ନମନୀୟ ପିତ୍ତଳ ମାଛକାମ ଓ କଳା ଢ଼ୋକରା କାମକୁ ସାମିଲ କରାଯାଇଛି ।

## କରୋନା ଭୂତାଣୁ ଚିହ୍ନଟ

ରାଜ୍ୟରେ ଜଣେ ନୂତନ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହେବା ପରେ ସ୍ୱାସ୍ଥ୍ୟ ବିଭାଗର ଶାସନ ସଚିବ ଅଶ୍ୱତୀ ଏସ୍ କହିଛନ୍ତି ସରକାର କୋଭିଡ ଘଟଣା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି ଏବଂ ଯେକୌଣସି ସ୍ଥିତିର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ଟୀକାକରଣ ଏବଂ ନିରନ୍ତର ସରକାରୀ ପଦକ୍ଷେପ ପାଇଁ ରାଜ୍ୟରେ କୋଭିଡ ସମ୍ପୂର୍ଣ୍ଣଭାବେ ନିୟନ୍ତ୍ରଣାଧୀନ ରହିଛି ବୋଲି ସ୍ୱାସ୍ଥ୍ୟସଚିବ କହିଛନ୍ତି । କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ

ଏବଂ ହସ୍ପିଟାଲର ପ୍ରଫେସର ଡକ୍ଟର ଜୟନ୍ତ ପଣ୍ଡା ଜନସାଧାରଣଙ୍କୁ ଭୟଭୀତ ନହେବା ପାଇଁ ପରାମର୍ଶ ଦେଇଛନ୍ତି ।

**V/O**

# ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ

ଭୁବନେଶ୍ୱର ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଗତକାଲି ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍‌ର ୬୩ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ଏହି ଅବସରରେ ଭିଜନ-୨୦୩୬ ଓ ୨୦୪୭ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଲିମିଟେଡ୍‌ର ଅଧ୍ୟକ୍ଷା ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଦୃଢ଼ ପରିଶ୍ରମ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

# ବୈଠକ

ଭଦ୍ରକ ଜିଲ୍ଲାରେ ଶିଳ୍ପ ଓ କଳକାରଖାନା ପ୍ରତିଷ୍ଠା ପାଇଁ ଉଦ୍ୟୋଗୀମାନଙ୍କୁ ସରକାରୀ ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ଆବେଦନପତ୍ରଗୁଡ଼ିକ ଯାଞ୍ଚ କରି ଉଦ୍ୟୋଗୀମାନଙ୍କୁ ଜମି ଯୋଗାଇ ଦେବାଲାଗି ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# କଇଁଛ ଦିବସ

କଇଁଛମାନଙ୍କର ସୁରକ୍ଷା ଦିଗରେ ଲୋକମାନଙ୍କ ମଧ୍ୟରେ ସଚେତନ ସୃଷ୍ଟି ପାଇଁ ୨୦୦୦ ମସିହାରୁ ଆଜିର ଦିନକୁ ବିଶ୍ୱ କଇଁଛ ଦିବସ ଭାବେ

ପାଳନ କରାଯାଉଛି । ଏକ ଗଣନାରୁ ଜଣାପଡ଼ିଛି ପୃଥିବୀରେ ପ୍ରାୟ ୩୦୦ ପ୍ରଜାତିର କଇଁଛ  ମଧ୍ୟରୁ ବର୍ତ୍ତମାନ ପ୍ରାୟ ୧୨୯ଟି ପ୍ରଜାତି କଇଁଛ ବିଲୁପ୍ତ ହୋଇସାରିଲେଣି । କଇଁଛମାନେ ପ୍ରାୟ ୧୫୦ ବର୍ଷରୁ ୩୦୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି ବୋଲି ପ୍ରାଣୀ ବିଶେଷଜ୍ଞମାନେ ମତ ଦେଇଛନ୍ତି । ରାଜ୍ୟର କେନ୍ଦ୍ରାପଡା ଜିଲ୍ଲାରେ ଅଲିଭ ରିଡ୍‌ଲେ ପ୍ରଜାତିର ବିରଳ କଇଁଛ ଦେଖିବାକୁ ମିଳିଥାନ୍ତି । ଗହୀରମଥା, ଦେବୀ ଓ ଋଷିକୂଲ୍ୟା ମୁହାଁଣକୁ ଅଲିଭରିଡ୍‌ଲେଙ୍କ ପ୍ରଜନନ ସ୍ଥଳୀଭାବେ ବିବେଚନା କରାଯାଇଛି । ଏଥିପାଇଁ ବନବିଭାଗ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ଓ ସଂରକ୍ଷଣ ଯୋଗାଇ ଦିଆଯାଉଛି ।

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି

ଏଫ୍‌ଆଇଏଚ୍ ପୁରୁଷ ପ୍ରୋ-ଲିଗ୍ ହକି ୟୁରୋପ ଗସ୍ତ ଲାଗି ୨୪ଜଣିଆ ଭାରତୀୟ ଦଳରେ ଓଡ଼ିଶାରୁ ୩ଜଣ ସ୍ଥାନ ପାଇଛନ୍ତି । ଦଳର ଅଧିନାୟକ ଭାବେ ହରମନପ୍ରୀତ୍ ସିଂହ ଓ ଉପଅଧିନାୟକ ଭାବେ ହାର୍ଦ୍ଦିକ ସିଂହ ସାମିଲ ହୋଇଥିବାବେଳେ ଓଡ଼ିଶାରୁ ଅମିତ ରୋହିଦାସ, ନିଲମ ସଞ୍ଜୀପ ଖେସ୍ ଓ ସୀମାନନ୍ଦ ଲାକ୍ରା ସ୍ଥାନ ପାଇଛନ୍ତି । ଆସନ୍ତା ଜୁନ୍ ୬ରୁ ୨୨ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ ।

## ପାଣିପାଗ

ରାଜ୍ୟର କେତେକ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ପଶ୍ଚିମ କେନ୍ଦ୍ରୀୟ ଏବଂ ତା'ର ପାଶ୍ୱବର୍ତ୍ତୀ ଉତ୍ତର ବଙ୍ଗୋପସାଗରରେ

ଆସନ୍ତା ୨୭ ତାରିଖ ସୁଦ୍ଧା ଏକ ଲଘୁଚାପ କ୍ଷେତ୍ର ସୃଷ୍ଟିହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ୧୩ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।